ଭୂମିହୀନଙ୍କ ସ୍ଥାୟୀ ଜମିପଟ୍ଟା ଓ ଘର ପ୍ରଦାନ ଦାବି ଓ ଚେତାବନୀ

କଟକ,୧୮।୯(ନି.ପ୍ର.) : ଭୂମିହୀନ ଗରିବ ଓ ଦଳିତ ପରିବାରଙ୍କୁ ଅଲଥାନ ନିମନ୍ତେ ତୁରନ୍ତ ସ୍ଥାୟୀ ପଟ୍ଟା ଓ ଘର ଯୋଗାଇ ଦେବା ଦାବୀ କରି ଗତ ଅଗଷ୍ଟ ୨୦ ତାରିଖରେ କଟକ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସଭାପତି ତଥା ସାମାଜିକ କର୍ମୀ ସୁଭାଷ ସେଠୀଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଅତିରିକ୍ତ ଜିଲ୍ଲାପାଳ ହରିଶ୍ ଚନ୍ଦ୍ର ନାୟକଙ୍କୁ ସାକ୍ଷାତ କରି ଜିଲ୍ଲାପାଳଙ୍କ କରିଆରେ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନର(ଏନ୍.ଏଚ୍.ଆର୍.ସି)ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସଂଗଠନର ଅଭିଯୋଗକୁ ବିଚାରକୁ ନେଇ ପତ୍ର ସଂ-୧୮୯୮, ତା ୧୫.୦୯.୨୦୧୮ରେ କଟକ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ପାଇଁ ବାରଙ୍କ ତହସିଲଦାରଙ୍କୁ ରିପୋର୍ଟ ଦାଖଲ କରିଛନ୍ତି । ଉଲ୍ଲେଖ ଥାଉକି ଗରିବ ଭୂମିହୀନଙ୍କ ନିମନ୍ତେ ସ୍ଥାୟୀ ଜମି ପଟ୍ଟା ଯୋଗାଇ ଦେଉଥିବା ରାଜ୍ୟ ସରକାର କହୁଥିବା ବେଳେ ପାଟପୁର ଗ୍ରାମର ଶତାଧିକ ଭୂମିହୀନ ଦଳିତ ଓ ଗରିବ ପରିବାର ଶହେ ଦର୍ଖରୁ ଊର୍ଦ୍ଧ୍ୱ ସରକାରୀ ଜମିରେ ଘର ଦ୍ୱାର କରି ଜୀବନ ଦିନାତିପାତ କରୁଥିଲେ ମଧ୍ୟ ସ୍ୱାଧୀନତାର ୭୨ବର୍ଷ ପରେ ବି ସେମାନେ ତାଙ୍କର ହକ୍ - ଅଧିକାର - କାର୍ଯ୍ୟ ପାଇବାରୁ ବଂଚିତ ହେଉଛନ୍ତି । ଏହିପରିକି ସେମାନେ ବ୍ୟବହାର କରୁଥିବା ଜମିର ସ୍ଥାୟୀ ପଟ୍ଟା କିମ୍ବା ଘର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଯାହା ଫଳରେ ଗରିବ ଦଳିତ ଓ ନିରାହ ଭୂମିହୀନ ପରିବାରଙ୍କ ଜମି ପଟ୍ଟା ନଥିବାରୁ ସେମାନେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଯଥା ରାଜୀବ ଆବାସ, ମୋ କୁଡିଆ, ବିଜୁ ପକ୍କାଘର, ସ୍ୱଚ୍ଛ ଭାରତ ଅଭିଯାନରେ ତିଆରି ହେଉଥିବା ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ ଏ ପରିକି ଜାତି ପ୍ରମାଣପତ୍ର ପାଇବା ଭଳି ଅନେକ ସୁବିଧାରୁ ବଂଚିତ ହେଉଛନ୍ତି ଏବଂ ସେମାନେ ବ୍ୟବହାର କରୁଥିବା ଜଳାଶୟକୁ ମଧ୍ୟ କିଛି ପ୍ରଭାବଶାଳୀ ଓ ନ୍ୟସ୍ତସ୍ୱାର୍ଥ ଲୋକ ବେଆଇନ ଭାବେ ଜବରଦଖଲ କରି ସେଠାରେ ଘର ନିର୍ମାଣ କରୁଥିବା ନେଇ କଟକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ସେହିପରି କଟକ ସଦର ତହସିଲ, ମାହାଙ୍ଗା, ନିଙ୍କିତକୋଇଲି, କଣ୍ଟାପଡା, ଆଠଗଡ ତହସିଲଦାର ଅଧିନରେ ଥିବା ବହୁ ଭୂମିହୀନ ଦଳିତ ଓ ଗରିବ ଲୋକଙ୍କ ସ୍ଥାୟୀ ଜମି ପଟ୍ଟା ନଥିବାରୁ ସେମାନେ ମଧ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ପାଇବାରୁ ବଂଚିତ ହେଉଛନ୍ତି ବୋଲି ସଂଗଠନ ପକ୍ଷରୁ ସାମାଜୀକ କର୍ମୀ ଶ୍ରୀ ସେଠୀ ଅଭିଯୋଗ କରିଥିଲେ । ଯଦି ପ୍ରତିଶ୍ରୁତି ମୁତାବକ ଭୂମିହୀନ ଲୋକଙ୍କୁ ତୁରନ୍ତ ସ୍ଥାୟୀ ପଟ୍ଟା ପ୍ରଦାନ କରାନଯାଏ ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୋରାର କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା ।

ଏସିଏମ୍ କର୍ମଚାରୀଙ୍କୁ ମିଳୁନି ଦରମା ପ୍ରତିବାଦରେ ପଞ୍ଚାୟତ ସମ୍ମୁଖରେ ଧାରଣା

ଦଶପଲ୍ଲା,୧୮।୯(ନି.ପ୍ର.) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଂଚାୟତର ବିଲିର ଗ୍ରାମରେ ଜଳକୂପ ଏବଂ ପାଇପ୍ ମରାମତି ପାଇଁ ନିୟୋଜିତ ଥିବା ହେଲଥ ଇଞ୍ଜିନିଅର ମେକାନିକ୍ (ଏସିଏମ୍) କର୍ମଚାରୀଙ୍କୁ ଗତ ୬ମାସ ହେଲା ଦରମା ମିଳୁନଥିବା ଅଭିଯୋଗ ହେଉଛି । ଯାହାକୁ ନେଇ କର୍ମଚାରୀ ମାନେ ଆଜି ପଂଚାୟତ ସମ୍ମୁଖରେ ଧାରଣା ଦେଇଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ ଗତ ୬ମାସ ହେଲା ଦରମା ପ୍ରଦାନ କରାଯାଉନଥିବା ହେତୁ ପରିବାର ଭରଣପୋଷଣ ଦିଗରେ ବହୁ ସମସ୍ୟା ସୃଷ୍ଟି ହେଉଛି । ଏସମ୍ପର୍କରେ ପଂଚାୟତର ଜିଏଲଡବ୍ଲୁ ତୁର୍ଯ୍ୟୋଧନ ପ୍ରଧାନଙ୍କ ମତାମତ ମିଳିପାରିନାହିଁ । ମାତ୍ର ସରପଂଚ ସତ୍ୟଭାମା ନାୟକଙ୍କ କହିବା ଅନୁଯାୟୀ ସେମାନଙ୍କୁ ଗତ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦରମା ଦିଆଯାଇଛି । ଏହାପରେ ବିଲିର ଗ୍ରାମରେ ଖରାପ ହୋଇ ପଡିଥିବା ଜଳକୂପ ଏବଂ ପାଇପକୁ ସେମାନେ ଠିକ୍‌ରେ ମରାମତି କରୁନଥିବା ବେଳେ ଏହାକୁ ନେଇ ସେମାନଙ୍କ ଦରମା ବନ୍ଦ ରଖିବା ପାଇଁ ପଂଚାୟତରେ ରେଜୁଲେସନ ପାସ୍ ହୋଇଥିବା କହିଛନ୍ତି । ତେବେ ଶୁଦ୍ଧଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯାଇ ଦରମା ପ୍ରଦାନ କରାଯିବ ବୋଲି କହିଛନ୍ତି ।

କ୍ଷତିପୂରଣ ଦେବା ପାଇଁ ପୋଲିସ ହାଉସିଂ ବୋର୍ଡ଼କୁ ନିର୍ଦ୍ଦେଶ

କଟକ,୧୮।୯(ନି.ପ୍ର.) : ପୋଲିସ ହାଉସିଂ କର୍ପୋରେସନର ୪ଗୋଟି ପ୍ରୋଜେକ୍ଟ କାର୍ଯ୍ୟ କରିବା ପାଇଁ ପ୍ରଶାନ୍ତ କୁମାର ବେହେରା ନାମକ ଜଣେ ଚେକିକ ଇଲେକ୍ଟ୍ରି ଠିକାଦାରଙ୍କୁ କାର୍ଯ୍ୟାଦେଶ ମିଳିଥିଲା । ସେ ମଧ୍ୟ ଠିକ୍ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରି ତାଙ୍କର ବିଲ୍ ମଂଜୁର ନିମନ୍ତେ ଆବେଦନ କରିଥିଲେ । କର୍ପୋରେସନ ତଥା ସମ୍ପୃକ୍ତି ବିଭାଗୀୟ କାର୍ଯ୍ୟାଳୟକୁ ଗୌଡ଼ି ଦେଡ଼ି ମିରାଶ ହୋଇଥିଲେ । ଶେଷରେ ଜିଲ୍ଲାର ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ବିଚାର ଆଲୋଚନା ଚାଲିଥିବା ସମୟରେ କର୍ପୋରେସନ କର୍ତ୍ତୃପକ୍ଷ ମାତ୍ର ଗୋଟିଏ ପ୍ରୋଜେକ୍ଟର ବକେୟା ଦେୟ ପୈଠ କରିଦେଇଥିଲେ । ମାତ୍ର ଅନ୍ୟ ତିନୋଟି ପ୍ରୋଜେକ୍ଟର ପ୍ରାପ୍ୟ ପୈଠ କରିନଥିଲେ । ଏଣୁ ମାମଲାର ସମ୍ପୂର୍ଣ୍ଣ ଶୁଣାଣି କରି ଦରଖାସ୍ତକାରୀ ଶ୍ରୀ ବେହେରାଙ୍କୁ ସମାହିତ ହୋଇଥିବା ପ୍ରୋଜେକ୍ଟ ବାବଦକୁ ୧ ଲକ୍ଷ ୬୧ ହଜାର ୭ ଶହ ୨୦ ଟଙ୍କା ଏବଂ କ୍ଷତିପୂରଣ ବାବଦକୁ ଅଧିକ ୧୦ ହଜାର ଟଙ୍କା ଆସନ୍ତା ୨ ମାସ ମଧ୍ୟରେ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି । ଅନାଦେୟରେ ବାର୍ଷିକ ଶତକଡ଼ା ୬ ପ୍ରତିଶତ ସୁଧ ଦେବା ପାଇଁ ମଧ୍ୟ ତାଙ୍କ ଆଦେଶ ନାମାରେ ସ୍ପଷ୍ଟ କରିଛନ୍ତି

ଗାଁ ଗାଁରେ ବାଇକ ଶୋଭାଯାତ୍ରା ଓ ସାଧାରଣ ସଭା

ଦଶପଲ୍ଲା,୧୮।୯(ନି.ପ୍ର.) : ବିଭିନ୍ନ ଦାବି ପୂରଣ ନେଇ ଦୀର୍ଘ ୧ମାସରୁ ଅଧିକ ସମୟ ଧରି ରାଜଧାନୀର ରାଜରାସ୍ତାରେ ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ, କର୍ମଚାରୀମାନେ ଧାରଣା ରେ ବସି ରହିଥିବା ବେଳେ ଏବେ ଗାଁ ଗାଁରେ ଏହି ସ୍କୁଲ-କଲେଜ, ଶିକ୍ଷକ-କର୍ମଚାରୀ ମିଳିତ ମଂଚ ପକ୍ଷରୁ ବାଇକ ଶୋଭାଯାତ୍ରାଠାରୁ ଆରମ୍ଭ କରି ସାଧାରଣ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହିକ୍ରମରେ ଦଶପଲ୍ଲା ମିଳିତ ମଂଚ ପକ୍ଷରୁ ମଙ୍ଗଳବାର ଦିନ ତୁମାଣ୍ଡି ପଂଚାୟତରେ ବାଇକ ଶୋଭାଯାତ୍ରା ସହ ସାଧାରଣ ସଭା ଅନୁଷ୍ଠିତ ଯାଇଛି । ଶତାଧିକ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଗାଁ ଗାଁ ବୁଲି ସରକାରଙ୍କ ବ୍ଲକ୍ ଗ୍ରାଣ୍ଟ୍ ସ୍କୁଲ-କଲେଜ ପ୍ରତି ଦୈମାତୃକ ମନୋଭାବ ତଥା ଅବହେଳା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ଆୟୋଜିତ ସାଧାରଣ ସଭାରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମିଳିତ ମଂଚର ଆହ୍ୱାୟକ ମାନସ ମିଶ୍ର ଓ ଅନ୍ଦୁର ପରିଡା, ପ୍ରଧାନଶିକ୍ଷକ ବିଷ୍ଣୁ ନାରାୟଣ ଶତପଥୀ, ହୃଷିକେଶ ବାରିକ ଓ ପରିଚାଳନା କମିଟି ସଦସ୍ୟ ଜୟଦେବ ସାହୁ ପ୍ରମୁଖ ସରକାରଙ୍କ କାଳକ୍ଷେପଣ ନୀତି ବିରୁଦ୍ଧରେ ଉଦ୍‌ବୋଧନ ଦେଇଥିଲେ। ବୁଧବାର ଦିନ ଲୋଗଡାଡି ପଂଚାୟତରେ ପଦଯାତ୍ରା ଓ ସଭା ଅନୁଷ୍ଠିତ ହେବା ଶେଷରେ ଶିକ୍ଷକ ପୁଣ୍ଡାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେପି ପକ୍ଷରୁ ଆର୍‌ଡିସି ଅଫିସ ଘେରାଉ ପ୍ରସ୍ତୁତି ବୈଠକ

କଟକ, ତା.୧୮।୦୯, ଆଗାମୀ ୨୦ ତାରିଖରେ ହେବାକୁ ଥିବା ଆର.ଡି.ସି ଅଫିସ ଘେରାଉ କାର୍ଯ୍ୟକ୍ରମ ଭାରତୀୟ ଜନତା ପାର୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ କଟକ ନଗର ଜିଲ୍ଲା ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି। ୨୦୦୦ ମସିହାରେ ତତ୍କାଳିନ ନଗର ଉନ୍ନୟନ ମନ୍ତ୍ରୀ ଥିବାବେଳେ ସିଡିଏ ଅଧିନରେ ଥିବା ମହାନଦୀ ବିହାର ଅଂଚଳକୁ ଲିଜ ହୋଲ୍ଡରୁ ଫ୍ରୀ ହୋଲ୍ଡ କରାଯାଇଥିଲା। ନିୟମ ଅନୁସାରେ ରାଜସ୍ୱ ବିଭାଗରୁ ଜମି ନେଇ କଟକ ଉନ୍ନୟନ (ସି.ଡି.ଏ) କରାଗଲା, ସ୍ୱରେଜ, ଡ୍ରେନେଜ, ରାସ୍ତା, ଲାଇଟ, ପାଣି ସମସ୍ତ ବ୍ୟବସ୍ଥା କରି ସାଧାରଣ ଲୋକଙ୍କୁ ଜମି ବଂଟନ ବ୍ୟବସ୍ଥା କରିଥାନ୍ତି, ପରବର୍ତ୍ତି ପର୍ଯ୍ୟାୟରେ ମହାନଗର ନିଗମ (ସି.ଏମ୍.ସି) କୁ ହସ୍ତାନ୍ତର କରିଥାନ୍ତି। ସି.ଏମ୍.ସି ଲୋକଙ୍କ ଠାରୁ ଟିକସ ନିଅନ୍ତି ଏବଂ ସମସ୍ତ ସର୍ବନିମ୍ନ ସୁବିଧାର ସି.ଏମ୍.ସି ଦାୟିତ୍ୱ ନେଇଥାଏ। ସି.ଡି.ଏ, ସି.ଏମ୍.ସିକୁ ଦାୟିତ୍ୱ ହସ୍ତାନ୍ତର କରିବା ପରେ ଆଉ କୌଣସି ଟିକସ ଲାଗୁ କରାଯାଇନାହିଁ। ସି.ଏମ୍.ସି ସି.ଡି.ଏର ସମସ୍ତ ଜମିର ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଇ ହୋଲ୍ଡିଂ ଟିକସ ଲାଗୁ କରିବା ପରେ ନିୟମାନୁଯାୟୀ ସି.ଡି.ଏ ଦେଇଥିବା ଲିଜ୍ ହୋଲ୍ଡ ରୁ ଫ୍ରୀ ହୋଲ୍ଡ ହେବାର ଆଇନ୍ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ନଗର ଉନ୍ନୟନ ବିଭାଗ ଏବଂ ସି.ଡି.ଏ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତୁରନ୍ତ ସମାଧାନ ଦାବୀ ଓ ସି.ଡି.ଏ କାର୍ଯ୍ୟାଳୟ ଘେରାଉ ହବ୍ ଦେବା ନେଇ ମୁଖ୍ୟ ବିଷୟବସ୍ତୁ ଥିବା ଏହି ବୈଠକରେ ଦଳର ସାଧାରଣ ସମ୍ପାଦକ ଦୟାନିଧି ଲେଙ୍କା, ଗୀତାରାଣୀ ଦାସ, କର୍ପୋରେଟର ବିଦରନ ଦାସ, ଅକ୍ଷୟ କୁମାର ଆଚାର୍ଯ୍ୟ, ମନୋରମା ରଉତ, ଦେବାଶିଷ ଘୋଷ, ଭଲାଟେନ୍ଦୁ ଦାସ, ଜ୍ୟୋତି ରଂଜନ ପଲାଇ, ପ୍ରଶାନ୍ତ ଦାସ, ସୀତା ରାଣୀ, ବିଜୟଲକ୍ଷ୍ମୀ ତ୍ରିପାଠୀ, ମୀନକେତନ ଦାସ, ହରପ୍ରସନ୍ନ ଦାସ ପ୍ରମୁଖ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବା ପାଇଁ ନିଜ ନିଜ ରାୟ ମତ ରଖିଥିଲେ।

ନୟାଗଡ଼ରେ ରାଜ୍ୟ ମହିଳା ଆୟୋଗଙ୍କ ଅଦାଲତ

ନୟାଗଡ଼,୧୮।୯(ନି.ପ୍ର.) : ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଶିବିର ଅଦାଲତ ଜିଲ୍ଲାପାଳଙ୍କ ସଦ୍‌ଭାବନା ସୁନ୍ଦରେ ବିତା ଘ.୧୦.୩୦ମି. ସମୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଡ. ଏନ.ତିରୁମାଳା ନାୟକ୍, ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଲୋପାମୁଦ୍ରା ବଢ଼ିପାତ୍ର , ସଦସ୍ୟା କୁସୁମା ରଥ, ସ୍ନେହାନ ମହାଁ ଏବଂ ଉପସ୍ଥିତ ଆରକ୍ଷୀ ଅଧୀକ୍ଷକ ତଥା ସମସ୍ତ ସଦସ୍ୟାଙ୍କୁ ସ୍ୱାଗତ ଜଣାଇ ରାଜ୍ୟ ମହିଳା ଆୟୋଗ ଶିବିର ଅଦାଲତ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଏହାପରେ ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ସମସ୍ତଙ୍କୁ ସ୍ୱାଗତ ଜଣାଇ ଏହି ଶିବିର ଅଦାଲତ ସଂପର୍କରେ ଆଲୋଚନା କରିଥିଲେ । ପରେ ପରେ ଅଦାଲତରେ ଉପସ୍ଥିତ ଥିବା ମହିଳାମାନଙ୍କର ଆପ ? ? ? ଅଭିଯୋଗକୁ ଶୁଣାଣି କରି ୪୨ଟି ମାମଲା ଫଇସଲା କରିଥିଲେ । ଏହି ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ସାମାଜିକ ଏବଂ ଅନ୍ୟମାନଙ୍କ ମଧ୍ୟରେ ଗୁଣ୍ଡା ପ୍ରଭାସିନୀ ନନ୍ଦ, ଉଷା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମାମଲା ଗୁଡ଼ିକ ଫଇସଲା କରିବାରେ ସହଯୋଗ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ସ୍ୱଚ୍ଛ ଭାରତ ଅଭିଯାନ , ଗାଁଲୋକ ସଫା କଲେ ପୋଖରୀ

ଦଶପଲ୍ଲା,୧୮।୯(ନି.ପ୍ର.) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାଡୁଧରି ସ୍ୱଚ୍ଛ ଭାରତର ଆହ୍ୱାନ ଦେଇଥିବାବେଳେ ଏହାର ପ୍ରଭାବ ଏବେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି । ଦିହଗାଁର ଆଦାନ ବୃଦ୍ଧବନିତା ଏକ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଗାଁ ପୋଖରୀ ଚତୁପାର୍ଶ୍ୱ ସଫା କରିଛନ୍ତି । ଗ୍ରାମ ସଭାପତି ଉପେନ୍ଦ୍ର ମହାପାତ୍ର ଓ ସମ୍ପାଦକ କେଶବ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ ଓ ମହିଳା ସାମିଲ୍ ହୋଇଥିଲେ । ଯୁବକ ମାନଙ୍କ ମଧ୍ୟରେ ଏଥିନେଇ ଖୁବ୍ ଉତ୍ସାହ ଦେଖି ବାରି ହୋଇପଡୁଥିଲା । ପୁରୁଷ ଓ ମହିଳା ସମସ୍ତେ ଖୁବ୍ ଉତ୍ସାହିତ ହୋଇ ପୋଖରୀ ଚତୁପାର୍ଶ୍ୱ ସ୍ୱଚ୍ଛ କରିବାରେ ସକ୍ଷମ ହୋଇ ପାରିଛନ୍ତି ।

ଜି.ଏମ.ବି ସେରାମିକସ ଲିମିଟେଡ
CIN : L 26933OR 1982PLC001049
ପଞ୍ଜୀକୃତ କାର୍ଯ୍ୟାଳୟ, ରାଜଗାଙ୍গପୁର-770017 ଜିଲ୍ଲା, ସୁନ୍ଦରଗଡ, ଓଡ଼ିଶା
ଦୂରଭାଷ ନଂ : 033 2236-6204
e-mail : admin@gmbceramics.com
ୱେବସାଇଟ: www.gmbceramics.com

୩୬ତମ ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି ଏବଂ ରିମୋଟ -ଇ-ଭୋଟିଂ ସୂଚନା

ଏହା ଦ୍ୱାରା ସୂଚନା ଦିଆଯାଉଛି ଯେ:
1) କାର୍ଯ୍ୟସୂଚୀ ପରିଗଣନା ନିମନ୍ତେ 13th August,2018 ରେ ହୋଇଥିବା ସଭାରେ ଦିଆଯାଇଥିବା ସୂଚନା ଅନୁସାରେ ରାଜଗାଙ୍গପୁର -770017 ଜିଲ୍ଲା, ସୁନ୍ଦରଗଡ, ଓଡ଼ିଶାରେ କମ୍ପାନୀର ସଦସ୍ୟମାନଙ୍କ 36th (Thirty Sixth) ବାର୍ଷିକ ସାଧାରଣ ସଭା ଶୁକ୍ରବାର, 27th September 2018, 10.30 AM ରେ ଅନୁଷ୍ଠିତ ହେବ।
2) ସମସ୍ତ ସଭ୍ୟ ଯାହାଙ୍କ ଇ-ମେଲ କମ୍ପାନୀ/ଡିପୋଜିଟରୀ ପାର୍ଟିସିପାଣ୍ଟରେ ପଞ୍ଜୀକୃତ ହୋଇଛି ସେମାନଙ୍କୁ କମ୍ପାନୀର ବାର୍ଷିକ ରିପୋର୍ଟ ଏବଂ AGM ବିଜ୍ଞପ୍ତି ଇଲେକ୍ଟ୍ରନିକ ମାଧ୍ୟମରେ ପଠାଯାଇଛି। ଯେଉଁ ସଦସ୍ୟମାନେ ସେମାନଙ୍କର ଇ-ମେଲ ଆଇଡି ପଞ୍ଜୀକୃତ କରିନାହାନ୍ତି ସେମାନଙ୍କୁ AGM ବିଜ୍ଞପ୍ତି ଏବଂ ୨୦୧୭-୧୮ ବାର୍ଷିକ ରିପୋର୍ଟର ହାର୍ଡ କପି ସେମାନଙ୍କୁ ଅନୁମୋଦିତ ମାଧ୍ୟମରେ ପଞ୍ଜୀକୃତ ଠିକଣାରେ ପଠାଯାଇଛି। AGM ବିଜ୍ଞପ୍ତି ଏବଂ ବାର୍ଷିକ ବିବରଣୀ କମ୍ପାନୀର ୱେବସାଇଟ। www.admin@gmbceramics.com ରେ ମଧ୍ୟ ଉପଲବ୍ଧ। ବାର୍ଷିକ ବିବରଣୀ ସହିତ AGMର ବିଜ୍ଞପ୍ତି 29.08.2018 ଦିନ ପଠାଯାଇଛି।
3) କମ୍ପାନୀ ଆକ୍ଟର 2013 କମ୍ପାନୀଗୁଡିକ (ପରିଚାଳନା ଏବଂ ପ୍ରଶାସନ) ନିୟମ 2015 ଏବଂ SEBI (ତାଲିକାଭୁକ୍ତ କରିବା ଏବଂ ଆବଶ୍ୟକତା ପୂରଣ କରିବା)Regulation 2015 ଭାଗ୍ୟ ଦେଇଥିବା ବ୍ୟବସ୍ଥା ଅନୁସାରେ କମ୍ପାନୀ AGM ରେ ବ୍ୟବସାୟ ତାଲିକା ସମ୍ବନ୍ଧରେ ଏହାର ସଦସ୍ୟମାନଙ୍କୁ ଇଲେକ୍ଟ୍ରନିକସ୍ ମାଧ୍ୟମରେ ସଥା ରାଜୀବ-e-voting ରେ ଭୋଟ ଦେବାର ସୁବିଧା ପ୍ରଦାନ କରିଛି।
ସମସ୍ତ ସଦସ୍ୟଙ୍କୁ ସୂଚନା ଦିଆଯାଉଛି ଯେ:
(i)AGM ବିଜ୍ଞପ୍ତିରେ ଉଲ୍ଲେଖ ହୋଇଥିବା ବ୍ୟବସାୟ ସମ୍ବନ୍ଧରେ ଇଲେକ୍ଟ୍ରନିକସ ମାଧ୍ୟମରେ ଭୋଟ ଦେବା ପରିଚାଳନା କରିପାରିବେ।
(ii)ରିମୋଟ e-voting (ସୋମବାର 24 September,2018(09.00am)ରେ ଆରମ୍ଭ ହେବ ଏବଂ (ବୁଧବାର) 26 September 2018 (5.00PM) ରେ ଶେଷ ହେବ।
(iii)ଇଲେକ୍ଟ୍ରନିକସ ମାଧ୍ୟମରେ ବିନା AGM ରେ ଭୋଟଦେବା ପାଇଁ ଯୋଗ୍ୟତା ଥିବା କଟିକା ନିର୍ଦ୍ଧାରିତ ହେଉଛି ଗୁରୁବାର 20th September,2018
(iv)ବୁଧବାର, 26th September,2018,5.00 IST ପରେ ଇଲେକ୍ଟ୍ରନିକସ ମାଧ୍ୟମରେ E-voting ପାଇଁ ଅନୁମତି ଦିଆଯିବ ନାହିଁ।
(v) AGM ର ବିଜ୍ଞପ୍ତି ପ୍ରକାଶ ପରେ ଏବଂ ଅନ୍ତିମ ତାରିଖରେ ଅର୍ଥାତ ଗୁରୁବାର 20th September,2018 ରେ ରେ କୌଣସି ବ୍ୟକ୍ତି, ଯିଏ କମ୍ପାନୀର ଅଂଶ ଗ୍ରହଣ କରିଛନ୍ତି। ସେ e voting@nsdl.co.in କିମ୍ବା www.admin@gmbceramics.com ରେ ନିବେଦନ ପଠାଇ ଲଗ୍ ଇନ ID ଏବଂ pass word ପାଇପାରିବେ।
(vi) ସଦସ୍ୟମାନେ ଜାଣିବା ଉଚିତ ଯେ :
(a)କମ୍ପାନୀ/ରେଜିଷ୍ଟ୍ରାର ଦ୍ୱାରା ନିର୍ଦ୍ଧାରିତ ହୋଇ ଥିବା ତାରିଖରେ ଭୌତିକ AGM ସ୍ଥାନରେ ଉପସ୍ଥିତ ରହେ।
(b) AGM ହେବା ପୂର୍ବରୁ ଯେଉଁମାନେ ରିମୋଟ e-voting ମାଧ୍ୟମରେ ଭୋଟ ଦେଇ ପାରିଛନ୍ତି, ସେମାନେ AGM ରେ ଯୋଗଦେଇ ପାରନ୍ତି କିନ୍ତୁ ସେମାନେ ପୁନଶ୍ଚରେ ଭୋଟ ଦେବାପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।
ଡେପୋଜିଟରୀ ଦ୍ୱାରା ସଦସ୍ୟମାନଙ୍କ ରେଜିଷ୍ଟରରେ ଲିପିବଦ୍ଧ ହୋଇଛି। ଅନ୍ତିମ ତାରିଖରେ କମ୍ପାନୀର ଦ୍ୱାରା ପ୍ରକାଶିତ ହୋଇଥିବା ମାସିକ ରେଜିଷ୍ଟରରେ ଲିପିବଦ୍ଧ ଅଛି। କେବଳ ସେମାନେ ରିମୋଟ - e-voting ଏବଂ ବ୍ୟକ୍ତିଗତ ଭୋଟର ମାଧ୍ୟମରେ AGM ରେ ଭୋଟ ଦେବା ପାଇଁ ସୁବିଧା ପାଇପାରିବେ।
(vii) ଯଦି ଆପଣଙ୍କ / e-voting ସମ୍ବନ୍ଧରେ କିଛି ଜାଣିବା କିମ୍ବା ସୋଧିବାର ପ୍ରଶ୍ନ ଥାଏ। ଆପଣ କମ୍ପାନୀର ପ୍ରକାଶିତ ହୋଇଥିବା ପ୍ରଶ୍ନ ('FAQ') ଦେଖନ୍ତୁ ଏବଂ e-voting ଉପଭୋକ୍ତାଙ୍କ ପୁସ୍ତିକା ଯାହାକି ଡାଉନ୍ଲୋଡ ବିଭାଗରେ ଥିବା ୱେବସାଇଟ www.evotingindia.co.in ରେ ଉପଲବ୍ଧ କିମ୍ବା e voting@nsdl.co.in ରେ e-mail ପଠାନ୍ତୁ, ଅଥବା ସଦସ୍ୟମାନେ e-mail ID:www.evotingindia.co.in କିମ୍ବା ଟେଲିଫୋନ: 0332236-6204 ରେ କମ୍ପାନୀ ସେକ୍